# ଫିନୋଲେକ୍ସ ଓ ଗଲ୍ଫ ଇଣ୍ଡିଆର ସଡ଼କ ସୁରକ୍ଷା ଅଭିଯାନ

**ମୁମ୍ବାଇ,୧୮।୧/ଏଜେନ୍ସି:** ଦୁର୍ଘଟଣା ହ୍ରାସ ଓ ସଡକ ସୁରକ୍ଷା ସଚେତନତା ପାଇଁ ପୁନେ ଟ୍ରାଫିକ ପୁଲିସ ସହାୟତାରେ ଫିନୋଲେକ୍ସ ପାଇପ୍‌ର ସିଏସଆର ସହଯୋଗୀ ମୁକୁଲ ମାଧବ ଫାଉଣ୍ଡେସନ ଓ ଗଲଫ୍ ଅଏଲ ଲୁବ୍ରିକାଣ୍ଟ ଇଣ୍ଡିଆ ଲିଃ ୩୬ କିଲୋମିଟର ଦୀର୍ଘ ଶୋଭାଯାତ୍ରାର ଆୟୋଜନ କରିଥିଲା। ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୁନେ ପୁଲିସ କମିଶନର ରଶ୍ମି ଶୁକ୍ଲା, ଫିନୋଲେକ୍ସ ପାଇପର ଅର୍ଥ ନିର୍ଦ୍ଦେଶକ ଅନୀଲ ଭି ୱାଭି, ଗଲ୍ଫ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରବି ଚାୱଲା ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୪୦୦ ପୁଲିସ କର୍ମଚାରୀ ଓ ୨୦୦ ଆଗ୍ରହୀ ମୋଟର ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦୁଇ କମ୍ପାନୀ ପକ୍ଷରୁ ପୁନେ ପୁଲିସଙ୍କ ମଧ୍ୟରେ ୧୬୦୦ ହେଲମେଟ ଓ ମୁଖା ବଣ୍ଟନ କରାଯାଇଥିଲା। ସୁରକ୍ଷିତ ଗାଡ଼ି ଚାଳନା ଓ ଟ୍ରାଫିକ ନିୟମ ପାଳନ ପାଇଁ ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।